ଧରିତ୍ରୀ
DHARITRI
ଗୁରୁବାର, ୫ ଅଗଷ୍ଟ ୨୦୨୧



## ଲୁଟ୍ ସୁନାଚେନ୍ ଉଦ୍ଧାର

**ଭଦ୍ରକ ଅଫିସ:** ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ବୁଧବାର ଜଣେ ଲୁଟେରାଙ୍କୁ ଗିରଫ କରି ତାଙ୍କଠାରୁ ଲୁଟ୍ ହୋଇଥିବା ସୁନାଚେନ ଉଦ୍ଧାର କରିଛି। ସେ ହେଲେ ବାଉଦପୁର ଗାଁର ଦୀପକ କୁମାର ବେହେରା। ସୂଚନାଯୋଗ୍ୟ, ଗତ ୧ ତାରିଖରେ ବାଉଦପୁରର ବୀଣାପାଣି ଚାନ୍ଦ ଗାଁ ମନ୍ଦିରକୁ ଯାଉଥିବା ବେଳେ ଦୀପକ ତାଙ୍କ ମୁହଁରେ ଏକ କପଡ଼ା ଗୁଡ଼ାଇ ବେକରୁ ସୁନାଚେନ ଲୁଟି ନେଇଥିଲେ। ଏ ନେଇ ବୀଣାପାଣିଙ୍କ ପୁଅ କଲ୍ୟାଣ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା(ନଂ.୩୧୯/୨୧) ରୁଜୁ କରିଥିଲା ତଦନ୍ତ ଚଳାଇଥିଲା।

## ସଂକ୍ଷେପରେ

### ଓଲଟିଲା ଟ୍ରକ୍, ଗହମ ବସ୍ତା ବୋହିନେଲେ



ଜଳେଶ୍ୱର, ୪।୮ (ଡି.ଏନ.ଏ)-ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟ ଷ୍ଟେଶନ ପୋଲ ଠାରେ ବୁଧବାର ଏକ ଗହମ ବୋଝେଇ ଟ୍ରକ୍ ଓଲଟି ପଡ଼ିଥିଲା। ଡ୍ରାଇଭର ଓ ହେଲ୍ପର ଅଳ୍ପକେ ରକ୍ଷା ପାଇଥିବା ବେଳେ ଅନ୍ଧାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଗହମ ବସ୍ତା ବୋହି ନେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, କୋଲକାତାରୁ ଭୁବନେଶ୍ୱର ଯାଉଥିବା ଉକ୍ତ ଟ୍ରକ୍ ଦ୍ରୁତଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଜଳେଶ୍ୱର ଥାନା ପୋଲିସ ତଦନ୍ତ ଚଳାଇଛି।

### ରାୟାଙ୍କୁ ସହାୟତା ଦେଲା କିନ୍ନର ମହାସଂଘ

ଚମ୍ପୁଆ, ୪।୮(ଡି.ଏନ.ଏ.): ଅସହାୟକୁ ଦଇବ ସାହା ଉକ୍ତିକୁ ପ୍ରତିପାଦନ କରିଛନ୍ତି କେନ୍ଦୁଝର ଜିଲା କିନ୍ନର ମହାସଂଘ। ଅସହାୟ ରାୟାମୁଣ୍ଡା ପାଖରେ ପହଞ୍ଚି ଆରୋଗ୍ୟ କାମନା କରିବା ସହ ୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ଚମ୍ପୁଆ ବ୍ଲକ ଜାମୁଦଲକ ପଞ୍ଚାୟତର ରାୟା ମୁଣ୍ଡା ନଳକୂପ ସଜାଡୁଥିବା ବେଳେ ଲୁହା ହେଣ୍ଡେଲ ପଡି ତାଙ୍କ ଗୋଡରେ ଏକ ଛୋଟ ଘା' ହୋଇଥିଲା। ମଧୁମେହ ରୋଗ ହେତୁ ଘା'ଟି ବଢିଚାଲିଥିଲା। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଚମ୍ପୁଆ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଏହି ଖବର ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲା କିନ୍ନର ମହାସଂଘ ସଭାପତି ପ୍ରାଚି ଦାସ ଚମ୍ପୁଆ ଡାକ୍ତରଖାନାରେ ରାୟାଙ୍କ ପାଖରେ ପହଞ୍ଚିଥିଲେ। ସଂଘ ସଦସ୍ୟ ସାଗରିକା, ସୁଇଟି, ସନା, ମିଷ୍ଟି ପ୍ରମୁଖ ସହାୟତାବେଳେ ଉପସ୍ଥିତ ଥିଲେ।

### ଡେଙ୍ଗୁରେ ଯୁବକଙ୍କ ମୃତ୍ୟୁ

ସୋର, ୪।୮(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସାଜନପୁର କସବା ଗ୍ରାମର କ୍ଷୀରୋଦ ନାୟକ ନାମକ ଜଣେ ଯୁବକଙ୍କର ମଙ୍ଗଳବାର ଡେଙ୍ଗୁରେ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବା ବେଳେ ଗତ ୪ ଦିନ ତଳେ ଅଜଣା ଜ୍ୱରରେ ପୀଡିତ ହୋଇଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ପରୀକ୍ଷାରୁ ସେ ଡେଙ୍ଗୁରେ ପୀଡିତ ଥିବା ଜଣାପଡିବାରୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଚାରାରୋପଣ

କେନ୍ଦୁଝର, ୪।୮ (ସ୍ୱ.ପ୍ର.): ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକଙ୍କ ନେତୃତ୍ୱରେ ଭାଜପା ସଦର ମଣ୍ଡଳର ମହିଳା ମୋର୍ଚ୍ଚା ସଦସ୍ୟାମାନେ ଝାରବେଡା (ଏନଏଚ୨୦) ବାଇପାସ ନିକଟରେ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିଛନ୍ତି। ପୂର୍ବତନ ମହିଳା ମୋର୍ଚ୍ଚା ସଭାପତି କଳ୍ପନା ରାଉତ, ଜିଲା ସାଧାରଣ ସଂପାଦିକା ଯୋସମତି ଚାତାର, ଉପସଭାପତି ବବିତା ରାମ ଓ ଚୁଡାମଣି ନାୟକ, ପ୍ରିୟଙ୍କା ସିଂ ରଣା, ଚମ୍ପାବତୀ ନାୟକ, ସୁଲୋଚନା ମହାନ୍ତ ପ୍ରମୁଖ ୩୦ଟି ବିଭିନ୍ନ ଚାରାରୋପଣ କରିଥିଲେ।

### କଂଗ୍ରେସ ପ୍ରଶିକ୍ଷଣ ଶିବିର

ଢେଙ୍କିକୋଟ, ୪।୮(ଡି.ଏନ.ଏ.): କେନ୍ଦୁଝର ଜିଲା ଘଟଗାଁ ବ୍ଲକ ବକ୍ସିବାରିଗାଁ ତୃପ୍ତି ସଫାରି ଠାରେ ଘଟଗାଁ ବ୍ଲକ କଂଗ୍ରେସର ଏକ ତିନିଦିନିଆ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ଘଟଗାଁ ବ୍ଲକ୍‌ର ୨୭ ପଞ୍ଚାୟତ ର ୩୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ପ୍ରଶିକ୍ଷଣ ନେଇଛନ୍ତି। ଘଟଗାଁ ବ୍ଲକ କଂଗ୍ରେସ ସଭାପତି ପ୍ରଭାକର ନାୟକଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିବାବେଳେ ପୂର୍ବତନ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରତିକାନ୍ତ ବରାଳକର୍ମୀଙ୍କ ସହ ଦୀର୍ଘ ତିନିଦିନ ରହି ଆଗାମୀ ପଞ୍ଚାୟତସ୍ତରୀୟ ନିର୍ବାଚନକୁ ଆଖି ଆଗରେ ରଖି କର୍ମୀଙ୍କୁ ତୃଣମୂଳ ସ୍ତରରୁ ମଜଭୁତ କରିବାକୁ ମନ୍ତ୍ର ଫୁଙ୍କିଛନ୍ତି। ଭୁବନେଶ୍ୱରରୁ କଂଗ୍ରେସ ଦଳର ମୁଖ୍ୟ ଯଜ୍ଞେଶ୍ୱର ବାବୁ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଦୀର୍ଘ ତିନିଦିନ ଶିବିରକୁ ଆସି କର୍ମୀଙ୍କୁ ଗୁରୁମନ୍ତ୍ର ଦେବେ। ଏହି ଶିବିରକୁ ଢେଙ୍କିକୋଟ ଜୋନ ସଭାପତି ରାମଚନ୍ଦ୍ର ସାହୁ, ଯୁବ କଂଗ୍ରେସ ନେତା ଲୁଲୁ ଜେନା,ବିପ୍ଳବ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଛନ୍ତି।

# ରେଳ ସାଇଡିଂକୁ ନାହିଁ ସ୍ଥାୟୀ ରାସ୍ତା

କେନ୍ଦୁଝର: ୪।୮ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୁହାଳଡିହି ଠାରେ ରହିଛି ଏକ ରେଳ ସାଇଡିଂ । କୋଟି କୋଟି ଟଙ୍କା ବ୍ୟୟ ରେ ନିର୍ମିତ ଏହି ସାଇଡିଂରେ ଉପଯୁକ୍ତ ସୁବିଧା ନ ଥିବାରୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଫଳରେ ରେଳବାଇ ବିଭାଗ ତଥା ଖଣି ବିଭାଗର ବ୍ୟାପକ ରାଜସ୍ୱ ହାନୀ ଘଟୁଛି। ଏହି ସାଇଡିଂ ଦେଇ ରେଳପଥରେ ଲୁହାପଥର, କୋଇଲା ଆଦି ସାମଗ୍ରୀ ବାହାରୁ ଆସିଥାଏ । ସେହିପରି ବିଭିନ୍ନ କାରଖାନାର ପିଲେଟ ଓ ଅନ୍ୟ ସାମଗ୍ରୀ ଏହି ସାଇଡିଂରୁ ରେଳ ଯୋଗେ ବିଭିନ୍ନ ସ୍ଥାନକୁ ଯାଇଥାଏ। ତେବେ ରାସ୍ତା ଓସାରିଆ ଓ ଉନ୍ନତିକରଣ କରାଯାଉ ନ ଥିବାରୁ ଅବହେଳିତ ହୋଇରହିଛି। ଫଳରେ ଅଧିକ କମ୍ପାନୀ ଏହି ସାଇଡିଂ ବ୍ୟବହାର କରିବାକୁ ଆଗ୍ରହ କରୁ ନ ଥିବାରୁ ବ୍ୟାପକ ରାଜସ୍ୱ ହାନୀ ଘଟୁଛି।

ପ୍ରକାଶ ଯେ, ଏନ୍‌ଏଚ୍ ୨୦ ରୁ ଗୁହାଳ ସାଇଡିଂକୁ ଯିବା ପାଇଁ ପ୍ରାୟ ୭ କି.ମି. ଦୀର୍ଘ ଏକ ଅଣଓସାରିଆ ରାସ୍ତା ରହିଛି। ସ୍ଥାନୀୟ ଅଞ୍ଚଳର ଲୋକେ ନିତିଦିନିଆ ଏହି ରାସ୍ତା ବ୍ୟବହାର କରିଥାନ୍ତି। ଏହି ସାଇଡିଂରେ କାମ କରି ବହୁ ଲୋକ ଜୀବିକା ନିର୍ବାହ କରୁଛନ୍ତି। ଗୁହାଳଡିହି, ରତନପୁର, ଭିରକେଶରପୁର, ଦାବାଙ୍ଗ ଆଦି ଗ୍ରାମର ଲୋକମାନେ ଉକ୍ତ ରାସ୍ତାରେ ଯାତାୟାତ କରିଥାନ୍ତି। ତେବେ ଏହି ରାସ୍ତାଟି ଖଣିଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳରେ ଥିଲେ ହେଁ ଏହାର ଉନ୍ନତି କରଣ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏହାକୁ ନେଇ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଗୁହାରୀ କରିଥିଲେ ହେଁ ନିର୍ମାଣ ହେଉ ନ ଥିବାରୁ ରାସ୍ତାଟି ବିପର୍ଯ୍ୟସ୍ତ ହୋଇ ପଡିଛି। ଫଳରେ ଧୂଳିଧୂଆଁ ଉଡି ବାୟୁ ମଣ୍ଡଳ ପ୍ରଦୂଷିତ ହୋଇଥାଏ ବୋଲି ସ୍ଥାନୀୟ ଅଧିବାସୀ ଗୌରହରି ମହାନ୍ତ କହିଛନ୍ତି।

ସେହିପରି ଏହି ରାସ୍ତାରେ ଥିବା ନୁଆଣିଆ ପୋଲ ବର୍ଷା ହେଲେ ବୁଡି ଯାଏ। ଫଳରେ ଯାତାୟାତ ଅସୁରକ୍ଷିତ ହୋଇ ପଡେ। ଏଣୁ ରାସ୍ତାକୁ ଓସାରିଆ କରାଗଲେ ଅଧିକ ସଂଖ୍ୟାରେ କମ୍ପାନୀ କଞ୍ଚାମାଲ ଓ ସାମଗ୍ରୀ ନେବା ଆଣିବା କରିପାରିବେ । ଫଳରେ ସ୍ଥାନୀୟ ଲୋକ ଅଧିକ କାମଧନ୍ଦା ପାଇ ଉପକୃତ ହୋଇ ହୋଇ ପରିବେ । ସେହିପରି ଲୋକ ମାନେ ସୁରକ୍ଷିତ ଯାତାୟାତ କରିପାରିବେ। ଏଣୁ ଏନେଇ ଜିଲାପାଳ ଉପଯୁକ୍ତ ପଦକ୍ଷେପ ନେଇ ଡିଏମଏଫ ଅନୁଦାନରେ ଉକ୍ତ ରାସ୍ତାର ଉନ୍ନତି କରଣ କରାଗଲେ ସ୍ଥାନୀୟ ଅଧିବାସୀ ଅଧିକ ଉପକୃତ ହେବାସହ ରୋଜଗାର ପାଇ ପାରିବେ ବୋଲି କହିଛନ୍ତି।



ରେଳ ସାଇଡିଂକୁ ଯିବା ପାଇଁ ଥିବା ନୂଆଣିଆ ପୋଲ ପାଣିରେ ବୁଡିଛି।

# 'ଖୁବ୍‌ଶୀଘ୍ର ଖୋଲିବ ତାରିଣୀ ମନ୍ଦିର'



ଜିଲାପାଳ ଆଶିଷ ଠାକ୍‌ରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି।

ଘଟଗାଁ, ୪।୮(ଡି.ଏନ.ଏ.)

ସରକାର ସେପ୍ଟମ୍ବର ୧ରୁ ନୂଆ ଗାଇଡ୍‌ଲାଇନ ଘୋଷଣା କରିବାପରେ ରାଜ୍ୟରେ ସବୁ ମନ୍ଦିର ଖୋଲିଲା। ବିନା ଭୋଗରେ କେବଳ ଦର୍ଶନ କରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ବୁଧବାର ଏବିଷୟରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ତାରିଣୀ ମନ୍ଦିରକୁ ଆସି ମନ୍ଦିର ପରିଚାଳନା ବୋର୍ଡ ଓ ସେବାୟତ ମାନଙ୍କ ସହ ଆଲୋଚନା କରିଥିବା ଜଣାଯାଇଛି। ଜିଲାପାଳ ଖୁବଶୀଘ୍ର ମନ୍ଦିର ଖୋଲିବା ନେଇ ଘୋଷଣା କରିଥିଲେହେଁ ତାରିଖ ସ୍ପଷ୍ଟ କରି ନାହାନ୍ତି। ମନ୍ଦିର ସମସ୍ତ ସେବାୟତ ତଥା ପୂଜକ, ମନ୍ଦିର କର୍ମଚାରୀ ଓ ଅନ୍ୟମାନଙ୍କ ପ୍ରଥମେ କୋଭିଡ ଟେଷ୍ଟ କରାଯିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମନ୍ଦିର ମଧ୍ୟକୁ ଭକ୍ତଙ୍କ ପ୍ରବେଶ ନେଇ କଡ଼ା କଟକଣା ଜାରି କରିଛନ୍ତି। ସାମାଜିକ ଦୂରତା ସହ ମାସ୍କ ପରିଧାନ ବାଧ୍ୟତାମୂଳକ କରିଛନ୍ତି। ସମସ୍ତ ଭକ୍ତ ଏଥର ୩ ନମ୍ବର ଗେଟ ବାହାରେ ଠିଆ ହୋଇ ନ ରହି ମନ୍ଦିର ବେଢା ଭିତରେ ବାରିକେଡ ଭିତରେ ଦୂରତା ରକ୍ଷାକରି ଠିଆ ହେବେ। ଖରାବର୍ଷାରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ପାଲ ଛାଉଣୀ କରାଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିନା ଭୋଗରେ କେବଳ ଦର୍ଶନ ପାଇଁ ଅନୁମତି ମିଳିଛି। ତେବେ ସ୍ଥାନୀୟ ଥାନା ଅଧିକାରୀ, ତହସିଲଦାର ଓ ଉପଜିଲାପାଳ ଏସବୁକୁ ଠିକ୍ ଭାବେ ଦେଖିବା ପରେ ଜିଲାପାଳ ମନ୍ଦିର ଖୋଲିବାର ତାରିଖ ଘୋଷଣା କରିବେ ବୋଲି ସୂଚନା ଦେଇଛନ୍ତି। ଅନୁଷ୍ଠିତ ବୈଠକରେ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ମନ୍ଦିର ପରିଚାଳନା ବୋର୍ଡର ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ବରିଷ୍ଠ ଟ୍ରଷ୍ଟି ରୁଦ୍ରନାରାୟଣ ମହାନ୍ତ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ସ୍ଥାନୀୟ ତହସିଲଦାର ଜନକ ନାୟକ, ଏବିଓ ଚିତ୍ତ ରଞ୍ଜନ ନାୟକ, ଥାନା ଅଧିକାରୀ ଶ୍ୟାମଘନ ବେହେରା, ବରିଷ୍ଠ ସେବାୟତ ଶ୍ୟାମ ସୁନ୍ଦର ଦେହୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବାଇକ୍ ଚୋରି ର୍‍ୟାକେଟ ଠାବ

## ୮ ଗାଡ଼ି ଜବତ, ୨ ଗିରଫ

ବାହାନଗା,୪।୮ (ଡି.ଏନ.ଏ.)

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନାସ୍ଥିତ ଗୋପାଳପୁର ଫାଣ୍ଡି ଅଞ୍ଚଳରୁ ଏକ ବାଇକ୍ ଚୋରୀ ର୍‍ୟାକେଟକୁ ଠାବ କରିଛି ଭଦ୍ରକ ଟାଉନ ପୋଲିସ। ୮ ଗାଡ଼ି ଜବତ ହୋଇଥିବା ବେଳେ ୨ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଲ୍ୟାଣି ପଞ୍ଚାୟତ ଜହ୍ନିପୁର ଆଡ଼ିଆର ସୁଶାନ୍ତ ମଲିକ ଓ ଭିଲ୍ଲାର ଛୋଟା ମଲିକ। ଏଥିସହ ୪ଜଣଙ୍କୁ ଅଟକ ଥିବା ବେଳେ ଜଣେ ଫେରାର ଅଛନ୍ତି। ଭଦ୍ରକ ଟାଉନ ପୋଲିସ ଏହି ର୍‍ୟାକେଟକୁ ଠାବ କରିବା ସହ ଗୋପାଳପୁର ଫାଣ୍ଡି ପୋଲିସ ଦ୍ୱାରା ମିଳିତ ଚଢ଼ାଉ କରି କଲ୍ୟାଣି ଓ ବରିପଦା ଅଞ୍ଚଳରୁ ୬, ପଶ୍ଚିମବଙ୍ଗ ଆଗ୍ରା ଅଞ୍ଚଳରୁ ୨ ବାଇକ୍ ଜବତ କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସୁଶାନ୍ତ ଓ ଛୋଟା ବିଭିନ୍ନ ସମୟରେ ଭଦ୍ରକରୁ ୪୦ଟି ଗାଡ଼ି ଚୋରି କରିଥିବା ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା। ମଙ୍ଗଳବାର ରାତିରେ ଭଦ୍ରକ ପୋଲିସ ସହ ଗୋପାଳପୁର ଫାଣ୍ଡି ଅଧିକାରୀ ହୃଦୟମାଧବ ଦାସପଟ୍ଟନାୟକ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ପୋଲିସ ଆଗରେ ସୁଶାନ୍ତ ଓ ଛୋଟା ଚୋରି କରିଥିବା ସ୍ୱୀକାର କରିଛନ୍ତି। କଲ୍ୟାଣୀ, ବରିପଦା ଗ୍ରାମର ୩ ଯୁବକଙ୍କ ସହାୟତାରେ ଚୋରା ଗାଡ଼ି ବିକ୍ରି କରୁଥିଲେ ବୋଲି କହିଛନ୍ତି। ଏଥିରେ ସମ୍ପୃକ୍ତ କଲ୍ୟାଣୀ, ବରହମପୁର ଓ ବରିପଦାର ଯୁବକଙ୍କୁ ଭଦ୍ରକ ପୋଲିସ ପଚରାଉଚରା କରିବା ସହ ଜବତ ଗାଡ଼ିଗୁଡ଼ିକୁ ଥାନାକୁ ନେଇଛି। ଏ ନେଇ ଭଦ୍ରକ ଟାଉନ ଥାନାରେ (ନଂ. ୨୭୦/୨୧) ମାମଲା ରୁଜୁ ହୋଇଛି।

# ଧାନ ଓଜନରେ ଠକେଇ, ୩ ଗିରଫ

ଖୁଣ୍ଟା,୪।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ତାଡ଼କୀଝରଣ ଗ୍ରାମର ବିଜୟ ସୋରେନ ନାମକ ଜଣେ ଚାଷୀଙ୍କଠାରୁ ଧାନକିଣା ସମୟରେ ଓଜନରେ ହେରଫେର କରାଯାଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା(ନଂ.୨୩୧/୨୧) ରୁଜୁ କରି ଏଥିରେ ସମ୍ପୃକ୍ତ ଥିବା ଧାନ ବେପାରୀଙ୍କ ସମେତ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡ଼ସାହି ଥାନା ଅଧୀନ କଇଁ ଫୁଲିଆ ଗ୍ରାମର ନଳୀନ ମହାନ୍ତ, ବଡ଼କେରକର ଗନ ବିହାରୀ ମହାନ୍ତ ଏବଂ ଖୁଣ୍ଟା ଥାନା ବଡ଼ପଥରା ଗ୍ରାମର ନବୀନ ମହାନ୍ତ। ଧାନ ଓଜନ ସମୟରେ କମ୍ପ୍ୟୁଟର ଓଜନ କଣ୍ଟାରେ ହେରଫେର କରାଯାଉଥିବା ବିଜୟଙ୍କ ନଜରକୁ ଆସିଥିଲା। ପରେ ଗ୍ରାମବାସୀ ପହଞ୍ଚି ଧାନ ବେପାରୀଙ୍କ ସମେତ ତାଙ୍କ ସହଯୋଗୀ ଓ ଗାଡ଼ି ଡ୍ରାଇଭରଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ।

# ସ୍ୱାମୀଙ୍କ ଆତ୍ମହତ୍ୟା: ସ୍ତ୍ରୀ, ପ୍ରେମିକ ଗିରଫ

ବଡବିଲ, ୪।୮(ସ୍ୱ.ପ୍ର)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଧୋବି ହଟିଂ ଅଞ୍ଚଳରେ ରହୁଥିବା ସୁଶାନ୍ତ ମହାକୁଡ଼ ଗତ୨ ତାରିଖରେ ଆତ୍ମହତ୍ୟା କରିଥିଲେ। ତେବେ ପୋଲିସ ତଦନ୍ତ କରି ଆତ୍ମହତ୍ୟା ପଛରେ ସ୍ତ୍ରୀ ସିମରାନୀଙ୍କ ହାତ ଥିବା ପର୍ଦ୍ଦାଫାଶ କରିଛି। ପରକୀୟା ପ୍ରୀତି ଯୋଗୁ ସେ ସୁଶାନ୍ତଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିବା ଇନ୍ସପେକ୍ଟର ସୁଶାନ୍ତ ଦାସ ସୂଚନା ଦେଇଛନ୍ତି। ଏହି ଘଟଣାରେ ସିମରାନୀ ଓ ତାଙ୍କ ପ୍ରେମିକ କେବଲ ସିଂଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ବଲାଣୀ ଥାନା ଲସରଦା ଗ୍ରାମର ସୁଶାନ୍ତ ମହାକୁଡ ବିବାହ ପରେ ସ୍ତ୍ରୀ ସିମରାନୀଙ୍କ ସହ ବଡବିଲ ଥାନା ଅନ୍ତର୍ଗତ ଧୋବି ହଟିଂରେ ଭଡା ଘରେ ରହିଆସୁଥିଲେ। ତେବେ ସୁଶାନ୍ତଙ୍କ ଅନୁପସ୍ଥିତିରେ କେବଲ ସିଂ ନାମକ ଜଣେ ବ୍ୟକ୍ତି ତାଙ୍କ ଘରକୁ ଗତ ଦୁଇ ବର୍ଷ ହେଲା ଯା'ଆସ କରୁଥିଲେ। ଗତ ୨ ତାରିଖରେ ସୁଶାନ୍ତ ଏକ ଶାଢୀ ସାହାଯ୍ୟରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ତେବେ ମୃତଦେହରେ ବହୁ କ୍ଷତ ଚିହ୍ନ ଥିବାରୁ ପୋଲିସ ସନ୍ଦେହ କରି ଅଧିକ ତଦନ୍ତ ଜାରି ରଖିଥିଲା। ଏ ନେଇ ବଡବିଲ ଥାନାରେ ଏକ ମାମଲା (ନଂ.୧୨୭/୨୦୨୧) ରୁଜୁ ହୋଇଛି।

# ଭଦ୍ରକରେ ଭାଜପା ରାଜ୍ୟ ସଭାପତି



ତିହିଡ଼ି ବ୍ଲକ କୁବେରାରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## କୁବେରାରେ ଆବାସ ଯୋଜନା ହିତାଧିକାରୀଙ୍କୁ ଭେଟିଲେ

ଭଦ୍ରକ ଅଫିସ, ୪।୮

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ବୁଧବାର ଭଦ୍ରକ ଗସ୍ତ କରି ବିଭିନ୍ନ ଅଞ୍ଚଳ ବୁଲିଛନ୍ତି। ମୁଖ୍ୟତଃ ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଗସ୍ତ କରି ଆବାସ ଯୋଜନାର ଯୋଗ୍ୟ ହିତାଧିକାରୀଙ୍କ ସହ ସେ ଆଲୋଚନା କରି ଫେରିଛନ୍ତି। ସେ ଭଦ୍ରକରେ ପହଞ୍ଚିବା ପରେ ଜିଲାସ୍ତରୀୟ ନେତାମାନେ ସ୍ୱାଗତ କରିଥିଲେ। ପରେ ସେ ତିହିଡ଼ି ଅଞ୍ଚଳକୁ ଯାଇଥିଲେ। କୁବେରା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତାର ତଦନ୍ତ କରିଥିଲେ। ଯେଉଁମାନେ ଯୋଜନାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଭେଟି ଅନିୟମିତତା ସମ୍ପର୍କରେ ଆଲୋଚନା କରିଥିଲା ଭାଜପା ଟିମ୍। ଘଟଣାର ପ୍ରକୃତ ତଦନ୍ତ କରି ପଦକ୍ଷେପ ନେବା ଆବଶ୍ୟକ। ଆନ୍ଦୋଳନ କି ଅଭିଯୋଗ କଲେ ତାଙ୍କୁ ଜେଲ ପଠାଇବା ନିନ୍ଦନୀୟ ସଭାପତି ମହାନ୍ତି କହିଥିଲେ। ଜିଲା ସଭାପତି ହେମନ୍ତ ପାଢ଼ୀ, ବଦ୍ରିନାରାୟଣ ଧଳ, ଡ. ପ୍ରଦୀପ ନାୟକ, ମନସ୍ମିତା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଏହି ଅନିୟମିତତା ନେଇ ତିହିଡ଼ି ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଭାଜପା କର୍ମୀ ଅଫିସ୍‌ରେ ପଶି ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଛି।

# ବିଦ୍ୟୁତ୍ ଆଘାତରେ ଆଇଟିଆଇ ଛାତ୍ର ମୃତ

ଜଳେଶ୍ୱର, ୪।୮ (ଡି.ଏନ.ଏ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ମାକିଡିଆ ଗ୍ରାମର ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଅନୁପମ ପେଡି। ସୂଚନା ଅନୁସାରେ, ସେ ଅପରାହ୍ନରେ ନିଜ ଘରେ ଇଲେକ୍ଟ୍ରି ବୋର୍ଡ ମରାମତି କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ହାତୀଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଥାଉକି, ସେ ବାରିପଦା ସ୍ଥିତ ତକତ୍‌ପୁର ଆଇଟିଆଇରେ ଛାତ୍ର ଥିଲେ।

# କଟକଣାରେ ପାଳନ ହେବ ସ୍ୱାଧୀନତା ଦିବସ

କେନ୍ଦୁଝର, ୪।୮ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ସଦର ମହକୁମାରେ କୋଭିଡ୍ କଟକଣା ମଧ୍ୟରେ ୭୫ ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଅନୁଷ୍ଠିତ ହେବ ବୋଲି ଜିଲାପାଳ ଆଶିଷ ଠାକରେ ସୂଚନା ଦେଇଛନ୍ତି। ସଂକ୍ରମଣ ଦୃଷ୍ଟିରୁ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସୀମିତ ସଂଖ୍ୟକ ଅତିଥିଙ୍କ ଉପସ୍ଥିତିରେ ପାଳନ କରାଯିବ ବୋଲି ସେ କହିଛନ୍ତି। ଏନେଇ ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳ ଠାକରେଙ୍କ ଅଧ୍ୟକ୍ଷତାରେ ମିନି କନ୍‌ଫରେନ୍‌ସ୍ ହଲ୍‌ରେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ କାର୍ଯ୍ୟସୂଚୀ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଜାତୀୟ ପତାକାକୁ ସମ୍ମାନ ଏବଂ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବା ପାଇଁ ସଶସ୍ତ୍ର ପୋଲିସ୍ ବାହିନୀ, ହୋମଗାର୍ଡସ୍ ଓ ପୋଲିସ୍ ବ୍ୟାଣ୍ଡପାର୍ଟି ଅଂଶ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ ନାୟକ, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଘାସିନାଥ ମୁର୍ମୁ, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ହୀରକ ଜୟନ୍ତୀ ପାଳନ ନେଇ ଅଧ୍ୟକ୍ଷଙ୍କୁ ଦାବିପତ୍ର

ଭଦ୍ରକ ଅଫିସ, ୪।୮

ଭଦ୍ରକ ମହାବିଦ୍ୟାଳୟ ହୀରକ ଜୟନ୍ତୀ ପାଳନ ପାଇଁ କଲେଜ ଆଲୁମିନି ସଂଘ ଅଣ୍ଟା ଭିଡ଼ିଛି। ଏ ନେଇ ସଂଘ ପକ୍ଷରୁ ଏକ ଦାବିପତ୍ର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି। ଏଥିନିମନ୍ତେ ହୀରକ ଜୟନ୍ତୀ ପାଳନ କମିଟି ଗଠନ କରାଯାଇଛି। କମିଟି ସଦସ୍ୟମାନେ ବୁଧବାର ଅଧ୍ୟକ୍ଷ ଉମାକାନ୍ତ ସାହୁଙ୍କୁ ଭେଟି ୨୦୨୨ ଜୁଲାଇ ୬ରୁ ୧୦ ତାରିଖକୁ ଦିନ ଧାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ଉତ୍ସବରେ ଅତିଥି ସମ୍ପର୍କରେ ସେମାନେ ପରାମର୍ଶ ଦେଇଥିଲେ। କମିଟି ପକ୍ଷରୁ ଜ୍ୟୋତିପ୍ରକାଶ ମହାନ୍ତି, ନୀଳମାଧବ ଦାସ, ଅକ୍ଷୟ ଦାସ, ସୁବ୍ରତ ପାଲ, ସୁଧୀର ଦ୍ୱିବେଦୀ, ଆୟୁଷ୍ମାନ ମହାନ୍ତି, ପ୍ରକାଶଜ୍ୟୋତି ମହାକୁଡ, ଅଭିଷେକ ମହାନ୍ତି, ବିଷ୍ଣୁମୋହନ ମହାପାତ୍ର, ତୀର୍ଥପ୍ରସାଦ ଦାସ, ଗୋପବନ୍ଧୁ ବାରିକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧୫ ତାରିଖ ଅପରାହ୍ନ ୩ଟାରେ କଲେଜ ପରିସରରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।



କଲେଜ ଅଧ୍ୟକ୍ଷ ଉମାକାନ୍ତ ସାହୁଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ପୁରାତନ ଛାତ୍ର।

# ନଦୀଶଯ୍ୟାରେ ଗୃହ ନିର୍ମାଣକୁ ବିରୋଧ

ବାରିପଦା ଅଫିସ,୪।୮

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ଅଧୀନ ନଦୀଶଯ୍ୟାର ପଥର ପ୍ୟାକିଂକୁ ଭାଙ୍ଗି ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି। ଏନେଇ ମଧୁବନ ଉନ୍ନୟନ ପରିଷଦ ଓ ସିନିଅର ସିଟିଜେନ ଫୋରମର ସଦସ୍ୟମାନେ ବୁଧବାର ଜିଲାପାଳ, ଉପଜିଲାପାଳଙ୍କୁ ପୁଣିଥରେ ଭେଟିଛନ୍ତି । ଜିଲାପାଳ ବିନୀତ ଭରଦ୍ୱାଜ ଅଞ୍ଚଳବାସୀଙ୍କ ସୁରକ୍ଷା ନିମନ୍ତେ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ସୂଚନା ଅନୁଯାୟୀ, ପୂର୍ବରୁ ଉକ୍ତ ଘଟଣାରେ ଜିଲାପାଳ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ପରେ ଉପଜିଲାପାଳ ଅନ୍ୟା ଦାସ, ତହସିଲଦାର ରାମଚନ୍ଦ୍ର ସୋରେନ ଓ କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ରାଜସ୍ୱ ନୀରିକ୍ଷକଙ୍କୁ ଚିଠି ନଂ. ୩୫୩/୨୮ଜୁଲାଇରେ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ। ଏହାକୁ ନେଇ ବାରିପଦା ରାଜସ୍ୱ ନୀରିକ୍ଷକ ଓ ମ୍ୟୁନସିପାଲିଟି ଅମୀନ ମିଳିତ ଭାବେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛନ୍ତି । ଉକ୍ତ ସ୍ଥାନରେ ମଧୁବନ ଅଞ୍ଚଳବାସୀଙ୍କ ସୁରକ୍ଷା ନିମନ୍ତେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପଥର ପ୍ୟାକିଂ କରାଯାଇଛି। ମାତ୍ର ଜବରଦଖଲକାରୀ ଏହି ସ୍ଥାନକୁ ନିଜ ଅକ୍ତିଆରରେ ରଖି ରାତିଦିନ ଘର ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି । ନଦୀ ଗର୍ଭରେ ଥିବା ଜମିର କିସମ ପରିବର୍ତ୍ତନ କରି ଘରଡିହ କରିବା ଓ ବେଆଇନ ଭାବେ ସରକାରୀ ଯୋଜାନାକୁ ଭାଙ୍ଗି ଗୃହ ନିର୍ମାଣ କରିବା ବିରୋଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହିତ ଜବରଦଖଲ ଉଚ୍ଛେଦ କରା ନ ଗଲେ ଆଗାମୀ ଦିନରେ ଉନ୍ନୟନ ପରିଷଦର ସଦସ୍ୟମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସମ୍ପାଦକ ବିକ୍ରମ କେଶରୀ ଜେନା ଚେତାବନୀ ଦେଇଛନ୍ତି । ଏସଂକ୍ରାନ୍ତରେ ଉପଜିଲାପାଳ ତଥା ମ୍ୟୁନସିପାଲିଟିର କାର୍ଯ୍ୟନିବାହୀ ଅଧିକାରୀ ଅନ୍ୟା ଦାସ କୁହନ୍ତି, ବେଆଇନ ନିର୍ମାଣକାରୀଙ୍କ ବିରୋଧରେ ଆଇନ ଆନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସିନିଅର ସିଟିଜେନ ଓ ମଧୁବନ ଉନ୍ନୟନ ପରିଷଦର ସଦସ୍ୟମାନେ।

## ଅବକାରୀ ଚଢ଼ାଉ, ୩ ଗିରଫ

ପାଟଣା,(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ଦେଶୀ ମହୁଲି ମଦ ବ୍ୟବସାୟରେ ସମ୍ପୃକ୍ତି ଥିବା ୩ ଜଣଙ୍କୁ ଗିରଫ କରିଛି। ଚଢ଼ାଉ ସମୟରେ ୩୫ ଲିଟର ଚୋରା ମହୁଲି ମଦ ଜବତ ହୋଇଛି। ଗିରଫ ବ୍ୟକ୍ତି ହେଲେ ମୂଷାପଡା ଗ୍ରାମର ଶିବ ମୁଣ୍ଡା, ମାଧପୁର ଗ୍ରାମର ବୈଷ୍ଣବ ଲୋହାର, ଅଙ୍କୁରା ଗ୍ରାମର ଶିରିଷ ପାତ୍ର। ଏହି ଚଢ଼ାଉରେ ଅବକାରୀ ବିଭାଗ ପକ୍ଷରୁ ଦିଲ୍ଲୀପ କୁମାର ତାଣ୍ଡି, ଜଗନ୍ନାଥ ଭିତିରିଆ ଓ ଚନ୍ଦ୍ରମା କେଶରୀ ସାମଲ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଟୋଲ୍‌ପ୍ଲାଜା ମ୍ୟାନେଜର, କର୍ମଚାରୀ ଗିରଫ

**ମାରପିଟ ଅଭିଯୋଗ**

ସାରସକଣା,୪।୮(ଡି.ଏନ.ଏ)- ଜଣେ ବ୍ୟକ୍ତିଙ୍କୁ ମାଡ଼ମାରି ମୁଣ୍ଡ ଫଟାଇବା ଅଭିଯୋଗରେ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ ୧୮ନଂ. ଜାତୀୟ ରାଜପଥ ଶୁଖୁଆପୋଡ଼ା ଟୋଲପ୍ଲାଜାର ମ୍ୟାନେଜର ଓ କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି। ଗିରଫ ମ୍ୟାନେଜର ହେଲେ ଗଜାନନ ଶର୍ମା ଓ କର୍ମଚାରୀ ରାଜୀବ ବେହେରା। ଆହତ ପ୍ରବୀର ଗୋଚ୍ଛାୟତଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ.୧୦୪/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବାଙ୍ଗିରିପୋଷି ଥାନା ପଥୁରୀ ଗ୍ରାମର ଅଙ୍କିତ କୁମାର ପୁଛି ଦୀର୍ଘଦିନ ହେଲା ଟୋଲପ୍ଲାଜା ନିକଟରେ ଗାଡ଼ିର ଫାଷ୍ଟ ଟ୍ୟାଗ ଓ ପଲ୍ୟୁଶନ ଟେଷ୍ଟିଂ କରିଆସୁଥିଲେ। ପ୍ରବୀର ଗୋଚ୍ଛାୟତ ସେଠାରେ କାମ କରୁଥିଲେ। ମଙ୍ଗଳବାର ଅପରାହ୍ନରେ ଟୋଲପ୍ଲାଜା ମ୍ୟାନେଜର ଗଜାନନ ଓ କର୍ମଚାରୀ ରାଜୀବ ପହଞ୍ଚି ପାଟିତୁଣ୍ଡ କରିବା ସହିତ ସେଠାରୁ ଚାଲିଯିବା ପାଇଁ ଧମକ ଦେଇଥିଲେ। ଏହାକୁ ବିରୋଧ କରିବାରୁ ମ୍ୟାନେଜର ଓ କର୍ମଚାରୀ ଏକ ଠେଙ୍ଗାରେ ପିଟି ପ୍ରବୀରଙ୍କ ମୁଣ୍ଡ ଫଟାଇଦେଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ କୁଳିଅଣା ମେଡିକାଲ ଏବଂ ପରେ ବାରିପଦାସ୍ଥିତ ପିଆରଏମ୍ ଡାକ୍ତରଖାନାକୁ ନିଆଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ପହଞ୍ଚି ଟୋଲପ୍ଲାଜାକୁ ଘେରାଉ କରିଥିଲେ। ପରେ ପୋଲିସ ପହଞ୍ଚି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ସାପ କାମୁଡ଼ାରେ ମହିଳାଙ୍କ ଜୀବନଗଲା

ତେଲକୋଇ, ୪।୮(ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ପୁରୁଯୋଡା ଗ୍ରାମର ଉଷା ନାଏକ ନିଜ ଝିଅ ଘର ବାଲିଶର ଗ୍ରାମକୁ ୨ ଦିନ ପୂର୍ବରୁ ଆସିଥିଲେ। ତେବେ ଗତ ମଙ୍ଗଳବାର ରାତିରେ ଉଷା ଶୋଇଥିବାବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡିବା ଯୋଗୁଁ ସେ ଗୁରୁତର ହୋଇପଡିଥିଲେ। ବୁଧବାର ତେଲକୋଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଟ୍ରକ୍ ଡ୍ରାଇଭରଙ୍କ ଆକସ୍ମିକ ମୃତ୍ୟୁ

ରୂପସା/ବସ୍ତା, ୪।୮,(ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ରାଜଘାଟ ଟୋଲଗେଟ ବଜାର ନିକଟରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ଆକସ୍ମିକ ମୃତ୍ୟୁ ହୋଇଛି। ମୃତକ ହେଲେ ବ୍ରହ୍ମାଜ୍ଞା ଡି.। ତାଙ୍କ ଘର ଆନ୍ଧ୍ରପ୍ରଦେଶର ଇଷ୍ଟ ଗୋଦାବରୀ ଅଞ୍ଚଳରେ। ଆନ୍ଧ୍ରପ୍ରଦେଶରୁ କଦଳୀ ଟ୍ରକ୍ ନେଇ ଆସିଥିବାବେଳେ ସମ୍ପୃକ୍ତ ଡ୍ରାଇଭର ହଠାତ୍ ରାସ୍ତାରେ ତଳେ ପଡିଥିବା ସାଧାରଣ ଲୋକେ ଦେଖିବାକୁ ପାଇଥିଲେ। ତାଙ୍କ ପାଟି ଓ ନାକରୁ ପ୍ରବଳ ରକ୍ତସ୍ରାବ ହେଉଥିବା ବେଳେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତୁରନ୍ତ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବସ୍ତା ପୋଲିସ ପହଞ୍ଚି ଏକ ମାମଲା (ନଂ. ୨୦/୨୧) ରୁଜୁ କରି ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଶୋଷଣର ଶିକାର ହେଉଛନ୍ତି ଚାଷୀ

**ମିଳୁନି ୟୁରିଆ ସାର**

ଚମ୍ପୁଆ, ୪।୮(ଡି.ଏନ.ଏ.)

ରୁଆ ଧାନ ଥୁଆ ଏହି କଥା କେଉଁ ଅମଳରୁ ପ୍ରଚଳିତ ହୋଇ ଆସୁଛି। ମାତ୍ର ଚାଷ ପାଇଁ ଆବଶ୍ୟକ ସାରର ଅଭାବ ଚମ୍ପୁଆ ଉପଖଣ୍ଡର ବିଭିନ୍ନ ଲ୍ୟାମ୍ପ ଉପରେ ନିର୍ଭର କରୁଥିବା ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ସାଜିଛି। ସୂଚନା ଅନୁସାରେ ଚମ୍ପୁଆ ଅଞ୍ଚଳର ଚାଷୀ ଅନୁକୂଳ ପାଗ ଯୋଗୁ ଧାନ ରୋଇବା କାମ ସାରି ଦେଲେଣି । ହେଲେ ତଳି ରୋଇବାର ୧୫ ଦିନ ପରେ ଧାନଚାଷ ପାଇଁ ୟୁରିଆ ସାରର ଆବଶ୍ୟକତା ରହିଥିବା ବେଳେ ଲ୍ୟାମ୍ପସ୍ ଗୁଡିକରେ ୟୁରିଆ ସାର ମିଳୁନାହିଁ। ଏପରିକି କେବେ ୟୁରିଆ ସାର ଉପଲବ୍ଧ ହେବ ସେ ସମ୍ବନ୍ଧରେ ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ଠିକ ଭାବେ ସୂଚନା ଦେଇ ପାରୁ ନାହାନ୍ତି। ଫଳରେ ଚାଷୀ ନିଜ ଚାଷ କାର୍ଯ୍ୟ ଛାଡି ସାର ପାଇଁ ଲ୍ୟାମ୍ପସ୍ ଦୌଡ଼ି ନୟାନ୍ତ ହଉଛନ୍ତି। କେତେକ ଚାଷୀ ବାହାରୁ ଅଧିକ ଦରଦେଇ ସାର କିଣୁଥିବା ସୂଚନା ଦେଇଛନ୍ତି। ଲ୍ୟାମ୍ପସରେ ୟୁରିଆ ସାର ବସ୍ତା ପ୍ରତି ୨୬୬.ଟଙ୍କା ୫୦ ପଇସା ଦରରେ ବିକ୍ରି ହେଉଥିବା ବେଳେ ବାହାର ବଜାରରେ ଏହାକୁ ୫୦୦ରୁ ଉର୍ଦ୍ଧ୍ୱ ଦରରେ ଚାଷୀ କିଣି ଆବଶ୍ୟକତା ପୂରଣ କରୁଥିବା ବେଳେ ୨ଗୁଣା ପଇସା ଦେଇ ଆର୍ଥିକ ବୋଝ ଉଠାଉଛନ୍ତି। ଚମ୍ପୁଆ ଲ୍ୟାମ୍ପସ୍ ପକ୍ଷରୁ ଚଳିତ ବର୍ଷ ୫୦୦୦ କୁଇଣ୍ଟାଲ ଇଣ୍ଡେନ ଦିଆଯାଇଥିବା ବେଳେ ମାତ୍ର ୧୫୮୧ କୁଇଣ୍ଟାଲ ୟୁରିଆ ଚମ୍ପୁଆ ଲ୍ୟାମ୍ପସ୍‌କୁ ମିଳିଛି। ଏ ନେଇ ବିଭାଗୀୟ ଅଧିକାରୀ ସରୋଜିନୀ ଜେନା କହିଛନ୍ତି, ଯେ ଆମେ ଗତ ଏପ୍ରିଲ ମାସରୁ ସାରର ଆବଶ୍ୟକତା ବାବଦକୁ ଇଣ୍ଡେନ କରିସାରିଛୁ ହେଲେ ଆଜି ପର୍ଯ୍ୟନ୍ତ ଆସିଲା ନାହିଁ। ମାତ୍ର ଚାଷୀ ତ୍ରିନାଥ ମହାନ୍ତଙ୍କ କହିବା ଅନୁସାରେ ବର୍ତ୍ତମାନ ପରିସ୍ଥିତିରେ ବିନା ସାରରେ ଧାନ ଅମଳ କରିବା ଅସମ୍ଭବ ହୋଇପଡିଛି। ଚାଷ ପାଇଁ ସାର ଆବଶ୍ୟକ ରହିଥିବା ବେଳେ ୟୁରିଆ ସାର ଉପଲବ୍ଧ ନହେବା ପରିତାପର ବିଷୟ। ଯଦି ଏବେ ସାର ନମିଳିବ ତେବେ କେବେ ମିଳିବ ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ଜାମୁଦଲକ ଚାଷୀ ନଗେନ୍ଦ୍ର କୁମାର ପ୍ରଧାନଙ୍କ କହିବା ଅନୁଯାୟୀ ଧାନ ଗଛରେ ବର୍ତ୍ତମାନ ୟୁରିଆ ସାର ଦେବା କଥା ମାତ୍ର କାମଦାମ ଛାଡି ଲ୍ୟାମ୍ପସ୍ ଆସୁଛୁ ସାର ମିଳୁନି କି କେବେ ମିଳିବ ତାର ଠିକ୍ ଉତ୍ତର ମିଳୁନାହିଁ।


କ୍ଷେତରେ ଜଣେ ଚାଷୀ ।

# ନିଯୁକ୍ତି ଦୁର୍ନୀତି ବିରୋଧରେ ବିକ୍ଷୋଭ



ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭଦ୍ରକ ଅଫିସ, ୪।୮

ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ନିଯୁକ୍ତି କ୍ଷେତ୍ରରେ ହୋଇଥିବା ଲାଞ୍ଚ କାରବାର ଏବଂ ଦୁର୍ନୀତି ବିରୋଧରେ ବୁଧବାର ଭଦ୍ରକରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କର୍ମୀମାନେ ସହରର ବନ୍ତ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ ଏଥିରେ ସାମିଲ ହୋଇ ଏହି ଦୁର୍ନୀତିର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି। ଏହି ଆନ୍ଦୋଳନରେ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠାଙ୍କ ସହ ଅନ୍ୟ ବ୍ଲକ ଓ ଜିଲାସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ରାସ୍ତା ନିର୍ମାଣ ଦାବି, ଟାୟାର ଜାଳି ଅବରୋଧ

ଭଣ୍ଡାରିପୋଖରୀ, ୪।୮ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ–ମଣିନାଥପୁର ପୂର୍ତ୍ତ ବିଭାଗ ରାସ୍ତାର ଷୋଳମପୁର ପଞ୍ଚାୟତ ଖପୁରିଆପଦା ବାଙ୍କ ରାସ୍ତା ନିର୍ମାଣ ନ ହୋଇ ମରଣଯନ୍ତା ପାଲଟିଛି। ଉକ୍ତ ରାସ୍ତାରେ ପଡ଼ି ଅନେକ ଲୋକ ଆହତ ହେଉଛନ୍ତି। ଉକ୍ତ ରାସ୍ତା ନିର୍ମାଣ ଦାବିରେ ସ୍ଥାନୀୟ ଯୁବକମାନେ ବୁଧବାର ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଗଛ ଓ ଜମି ଉକ୍ତ ରାସ୍ତା ସହ ସଂଲଗ୍ନ ହୋଇଥିବା ବେଳେ ସେ ରାସ୍ତା ନ ଛାଡ଼ିବାରୁ ଅସମ୍ପୂର୍ଣ୍ଣ ରଖାଯାଇଛି। ଖପୁରିଆପଦା ବାଙ୍କ ରାସ୍ତା ପ୍ରତି ବିଭାଗୀୟ ଉଦାସୀନତା ମଧ୍ୟ ଦେଖାଦେଇଛି। ଏହି ରାସ୍ତା ପଡ଼ୋଶୀ ଯାଜପୁର ଜିଲାକୁ ସଂଯୋଗୀକରଣ ରାସ୍ତା ହୋଇଥିବାରୁ ହଜାର ହଜାର ଜନସାଧାରଣ ଓ ଯାନବାହାନ ନିର୍ଭର କରନ୍ତି। ମରଣଯନ୍ତା ପାଲଟିଥିବାରୁ ଏହି ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

ଭଣ୍ଡାରିପୋଖରୀ ପୋଲିସ ପହଞ୍ଚି ଯୁବକମାନଙ୍କୁ ବୁଝାଶୁଝା କରି ଉତ୍ତେଜନା ଆୟତ୍ତ କରିଥିଲେ। ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ହୋଇଥିଲା। ବିଭାଗ ଏହି ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ତୁରନ୍ତ ନ କଲେ ଆଗାମୀ ଦିନରେ ଆମରଣ ଅନଶନରେ ବସିବେ ବୋଲି ଖପୁରିଆପଦା ଗ୍ରାମର ଯୁବଗୋଷ୍ଠୀ ଚେତାବନୀ ଦେଇଛନ୍ତି। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ କହିଛନ୍ତି, ଉକ୍ତ ରାସ୍ତା ନିର୍ମାଣ ପାଇଁ ବ୍ୟୟବରାଦ ହୋଇ ବିଭାଗ କାମ କରିବାକୁ ପ୍ରସ୍ତୁତ ରହିଛି। ହେଲେ ସମ୍ପୃକ୍ତ ଅଞ୍ଚଳର ଲୋକେ ବାଧା ସୃଷ୍ଟି କରୁଥିବାରୁ ରାସ୍ତା କାମ ହୋଇପାରୁ ନାହିଁ।


ଖପୁରିଆପଦାଠାରେ ଯୁବକମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

## ଦିବଂଗତ କୋଭିଡ ଯୋଦ୍ଧାଙ୍କ ପରିବାରକୁ ସହାୟତା

କେନ୍ଦୁଝର, ୪।୮(ଡି.ଏନ୍.ଏ./ସ୍ୱ.ପ୍ର.)

ଆନନ୍ଦପୁର ପୌରପାଳିକାର ସମ୍ମୁଖ କୋଭିଡ ଯୋଦ୍ଧା ଦିବଂଗତ କର୍ମଚାରୀ ନିରଞ୍ଜନ ସେଠୀଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଛି। କରୋନାରେ କାର୍ଯ୍ୟରତ ସମ୍ମୁଖ କୋଭିଡ୍ ଯୋଦ୍ଧା ମୃତ୍ୟୁବରଣ କଲେ ତାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏହି କ୍ରମରେ ମଙ୍ଗଳବାର ଜିଲାପାଳ ଆଶିଷ ଠାକରେ ସ୍ୱର୍ଗତ ସେଠୀଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ସେଠୀଙ୍କୁ ସହାୟତା ରାଶି ଆର୍‌ଟିଜିଏସ୍ ମାଧ୍ୟମରେ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର, ଆପାତକାଳୀନ ସୁରଞ୍ଜିକା ବେହେରା ଉପସ୍ଥିତ ଥିଲେ। ଉପରୋକ୍ତ ସହାୟତା ରାଶି ପାଇଁ ସ୍ୱର୍ଗତଃ ସେଠୀଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ୱାର୍ଡସ୍ତରରେ ସଙ୍ଗଠନ ମଜଭୁତ କରିବାକୁ ଗୁରୁତ୍ୱ

ଚାନ୍ଦବାଲି, ୪।୮(ଡି.ଏନ.ଏ.)

କଂଗ୍ରେସର ଚାନ୍ଦବାଲି ବ୍ଲକ କମିଟି ପକ୍ଷରୁ ସଭାପତି କିଶୁରାମ ଜେନାଙ୍କ ନେତୃତ୍ୱରେ ମତୋଠାରେ କର୍ମକର୍ତ୍ତାଙ୍କୁ ନେଇ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ସ୍ତରରୁ ସଙ୍ଗଠନକୁ ମଜଭୁତ କରି ଆଗାମୀ ପଞ୍ଚାୟତ ନିର୍ବାଚନକୁ ସଫଳତାର ସହ କିପରି ମୁକାବିଲା କରାଯାଇପାରିବ ସେନେଇ ଗୁରୁତ୍ୱ ଦିଆଯାଇଥିଲା। ଚାନ୍ଦବାଲି ନିର୍ବାଚନମଣ୍ଡଳୀ ନେତା ଦିଗାମ୍ବର ଦାସ, ଧାମନଗର ବ୍ଲକ କଂଗ୍ରେସ କମିଟି ସଭାପତି ଅଭିଷେକ ରାଉତ, ନଗର କଂଗ୍ରେସ ସଭାପତି ବୃନ୍ଦାବନ ମହାଳିକ, ବରିଷ୍ଠ ନେତା ନୁରୁମହମ୍ମଦ ଇସ୍ମାଇଲ, ସନାତନ ନାୟକ, ଅଭୟ ସାହୁ, ରମେଶ ନାୟକ, ନାରୀନେତ୍ରୀ ସୁଲୋଚନା ନାୟକ, ଭଦ୍ରକ ଜିଲା ଛାତ୍ର କଂଗ୍ରେସ ସଭାପତି ସୌମ୍ୟ ରଞ୍ଜନ ବାରିକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ଅବହେଳା କଲେ ଆନ୍ଦୋଳନ



ସମାବେଶରେ ଡ୍ରାଇଭର ମହାସଂଘର ସଦସ୍ୟ।

**ଡ୍ରାଇଭର ମହାସଂଘର ଚେତାବନୀ**

ଖଇରା, ୪।୮ (ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଡ଼ିଆରେ ଓଡ଼ିଶା ଡ୍ରାଇଭର ମହାସଂଘର ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଖଇରା ସଂଘ ସଭାପତି କମଳାକାନ୍ତ ବଳବନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ରାମକୃଷ୍ଣ ଦାସ, ଉପସଭାପତି ସ୍ୱାଧୀନ ଶତପଥୀ ପ୍ରମୁଖ ଯୋଗଦେଇ ଡ୍ରାଇଭରମାନଙ୍କୁ ଭତ୍ତା, ଜୀବନ ବୀମା, ଅଗ୍ରାଧିକାର ଭିତ୍ତିରେ କୋଭିଡ୍ ଟିକା ପ୍ରଦାନ ପାଇଁ ଦାବି କରିଥିଲେ। ସରକାର ଏଥିରେ ଅବହେଳା କଲେ ତେବେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ସମସ୍ତ ଡ୍ରାଇଭର 'ଷ୍ଟିଅରିଂ ଛାଡ଼' ଆନ୍ଦୋଳନ କରିବେ। ଏଥିସହ ସେମାନେ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ବୈଠକରେ ଚେତାବନୀ ଦେଇଛନ୍ତି। ଏହାବ୍ୟତୀତ ସଂଘର ସଦସ୍ୟମାନେ ଗାଡ଼ି ଚଲାଇବା ବେଳେ ନିଶା ସେବନରୁ ଦୂରେଇ ରହିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ସ୍ଥାନୀୟ ସଙ୍ଗଠକ କାବୁଲ ବେହେରା, ବିଜୟ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବୈଠକରେ ଶତାଧିକ ଡ୍ରାଇଭର ଉପସ୍ଥିତ ଥିଲେ।

# ବେଆଇନ ଛଟେଇର ପ୍ରତିବାଦ

**ନ୍ୟାୟ ଲାଗି ଗଣଶିକ୍ଷା ସଚିବଙ୍କ ଦ୍ୱାରସ୍ଥ ମହିଳା**

ଖଇରା, ୪।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ସ୍ଥିତ ମା' ଅମ୍ବିକା ବାଳିକା ଉଚ୍ଚ ବିଦ୍ୟାଳୟରେ ସାବିତ୍ରୀ ସାମଲ ନାମ୍ନୀ ମହିଳା ପିଅନ ଭାବେ କାମ କରୁଥିଲେ। ତାଙ୍କୁ ବେଆଇନ ଭାବେ ଛଟେଇ କରାଯାଇଥିବା ନେଇ ଅଭିଯୋଗ କରି ସେ ଏହାର ପ୍ରତିବାଦ କରିଛନ୍ତି। ସେ ଗଣଶିକ୍ଷା ବିଭାଗ ସଚିବଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟ ଖୋଲିବା ସମୟରେ କମିଟି ପକ୍ଷରୁ ତାଙ୍କୁ ବିଧିବଦ୍ଧ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ୧୯୯୩ରୁ ୨୦୧୧ ପର୍ଯ୍ୟନ୍ତ ସେ ମାଗଣାରେ ସେବା ଯୋଗାଇ ଆସିଥିଲେ। ୨୦୧୧ରେ ତାଙ୍କୁ ବେଆଇନ ଭାବେ ଛଟେଇ କରାଯାଇ ଅନ୍ୟ ଜଣେ ଯୁବକକୁ ନିଯୁକ୍ତି ଦିଆଯାଇଥିଲା। ଉକ୍ତ ଯୁବକଙ୍କ ଚାକିରିକୁ ନିୟମିତ କରାଯାଇ ସରକାରଙ୍କ ପକ୍ଷରୁ ଦରମା ମଧ୍ୟ ପ୍ରଦାନ କରାଯାଇଥିଲା। ଏପରିକି ସାବିତ୍ରୀ କାମ କରିଥିବା ସମୟର ଦରମା ଉଠାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସେ ଦର୍ଶାଇଛନ୍ତି। ଏହାକୁ ସାବିତ୍ରୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ପ୍ରତିବାଦ କରିଛନ୍ତି। ଅତିକମ୍‌ରେ ସେ କାର୍ଯ୍ୟ କରିଥିବା ୨୦ ବର୍ଷର ପ୍ରାପ୍ୟ ଦେଇ ନ୍ୟାୟ ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ତତ୍‌କାଳୀନ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କୁ ପଚାରିବାରୁ ସେ ମଧ୍ୟ ସାବିତ୍ରୀଙ୍କ ଛଟେଇକୁ ବେଆଇନ କହିବା ସହ ତାଙ୍କ ପ୍ରାପ୍ୟ ପ୍ରଦାନ କରାଯିବାକୁ ଦାବି କରିଛନ୍ତି।

# ଉଠାଦୋକାନୀଙ୍କୁ ଉଚ୍ଛେଦ ବେଳେ ଉତ୍ତେଜନା

ପଦ୍ମପୁର, ୪।୮ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବାଲିମୁଣ୍ଡା ବଜାରରେ ବୁଧବାର ଜବରଦଖଲକାରୀ ଉଠାଦୋକାନୀଙ୍କୁ ଉଚ୍ଛେଦ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରକାଶ ଯୋ, ବଜାରରେ ରାସ୍ତାପାର୍ଶ୍ୱରେ ସରକାରୀ ଜାଗାରେ ଏକ କାଳୀମନ୍ଦିର ଥିଲା। ଜାମୁଝାଡ଼ି–ଧାମରା ରାସ୍ତା ସମ୍ପ୍ରସାରଣ ପାଇଁ ଏହି ମନ୍ଦିର ଭଙ୍ଗାଯିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବାହ୍ନରେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ନାୟକାଣିଡିହୀ ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର, ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ବେହେରା ସଶସ୍ତ୍ର ପୋଲିସ ଉପସ୍ଥିତିରେ ମନ୍ଦିର ଭାଙ୍ଗିବା ପାଇଁ ପହଞ୍ଚିଥିଲେ। ହେଲେ ବଜାରର ସରକାରୀ ଜମିରେ କେତେଜଣ ଉଠାଦୋକାନୀ ଓ ବ୍ୟକ୍ତି ଜବରଦଖଲ କରି ଦୋକାନ କରିଥିବାରୁ ଉଚ୍ଛେଦ କରାଯାଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଯାଇଥିଲା। ପରେ ମନ୍ଦିର ଓ ଠାକୁର ମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇ ଜେସିବି ଲଗାଇ ଭାଙ୍ଗି ଦିଆଯାଇଥିଲା।

# ତଦନ୍ତ ଲାଗି ଏସ୍‌ଆଇଟି ଗଠନ ଦାବି

**ଷ୍ଟାଫ ସିଲେକ୍ସନ କମିଶନ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ଆଣିଲା ଛାତ୍ର କଂଗ୍ରେସ**

ବାଲେଶ୍ୱର ଅଫିସ,୪।୮

ନିଯୁକ୍ତି ପ୍ରକ୍ରିୟାରେ ରାଜ୍ୟ ଷ୍ଟାଫ୍ ସିଲେକ୍ସନ କମିଶନ ପକ୍ଷରୁ ଅନିୟମିତତା ହେଉଥିବା ନେଇ ବାଲେଶ୍ୱର ଜିଲା ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ଏହାର ତଦନ୍ତ ପାଇଁ ଏସ୍‌ଆଇଟି ଗଠନ ଲାଗି ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁଙ୍କ ନେତୃତ୍ୱରେ ବୁଧବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଯଦି ସରକାର ଷ୍ଟାଫ୍ ସିଲେକ୍ସନ କମିଶନର ଏହି ମହାଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ନ୍ୟାୟପାଳିକା ଉପରୁ ଛାତ୍ରଛାତ୍ରୀଙ୍କ ଭରସା ତୁଟିଯିବ ଏବଂ ଅଭିଯୁକ୍ତମାନେ ନିର୍ଭୟରେ ଏମିତି ଅପରାଧ କରିଚାଲିବେ। ଏହି ମହାଦୁର୍ନୀତିର ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରି ଏହାକୁ ତଦନ୍ତ ପରିସରଭୁକ୍ତ କରିବା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଯଦି ସରକାର ଏହାର ନିରପେକ୍ଷ ତଦନ୍ତ ନ କରନ୍ତି ତେବେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ତଥା ଜିଲା ପ୍ରଭାରୀ ନିତେଶ ରଞ୍ଜନ ବେହେରା ଚେତାବନୀ ଦେଇଛନ୍ତି। ଅଜିତ କୁମାର ବାରିକ, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ରହିମତ ଅଲି, ଛାତ୍ର କଂଗ୍ରେସ ପୂର୍ବତନ ସୋସିଆଲ ମିଡିଆ ଅଧ୍ୟକ୍ଷ ନିହାର ରଞ୍ଜନ ବେହେରା, ଜୀବନ ମହାପାତ୍ର , ରାଧାକାନ୍ତ ସାହୁ , ସୌରଭ ବେହେରା, ଆଦର୍ଶ ଦାସ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ମହିଳା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ ପ୍ରମୁଖ ଏକ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ବିକ୍ଷୋଭ ପ୍ରଦର୍ଶନ କରୁଥିବା କଂଗ୍ରେସ ନେତା ଓ କର୍ମୀ।

## ବନବୀର, କୁଦାବେଡାରେ ହାତୀ ଉପଦ୍ରବ

ପାଟଣା,୪।୮(ସ୍ୱ.ପ୍ର.)

କିଛିମାସ ବ୍ୟବଧାନ ପରେ ପୁଣି ପାଟଣା ରେଞ୍ଜ୍‌କୁ ପୁଣି ୧୦ଟିକିଆ ହାତୀପଲ ପଶିଛନ୍ତି। ଏହି ହାତୀ ଦଳରେ ୨ ଦନ୍ତା, ୫ ମାଈ ଓ ୩ ଛୁଆ ହାତୀ ରହିଥିବା ପାଟଣା ରେଞ୍ଜର ଟିକେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ୍‌ରୁ ତେଲ ନଦୀ ପାର ହୋଇ ଆସି ପାଟଣା ରେଞ୍ଜ୍‌ର ବନବୀର ଓ କୁଦାବେଡା ଗ୍ରାମରେ ପଶି ଧାନ ଫସଲ ଦଳି ଚକଟି ନଷ୍ଟ କରିଛନ୍ତି। ଏବେ ହାତୀପଲ ୨ ଦିନ ହେବ ଦିନ ବେଳେ ଠାକୁରମୁଣ୍ଡା ରେଞ୍ଜ୍ ପଳାଉଛନ୍ତି। ରାତି ହେଲେ ପୁଣି ନଦୀ ପାର ହୋଇ ପାଟଣା ରେଞ୍ଜ୍‌ରେ ପଶି ଫସଲ ନଷ୍ଟ କରୁଛନ୍ତି। ବୁଧବାର ଏହି ହାତୀପଲ ଠାକୁରମୁଣ୍ଡା ଚଟୁରୀସାହି ଜଙ୍ଗଲରେ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗାଁ ନିକଟରେ ହାତିପଲ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ହାତୀପଲଙ୍କୁ ଘଉଡ଼ାଇବା ପାଇଁ ବନ ବିଭାଗ ଉଦ୍ୟମ ଜାରି ରଖିଛି।

# ଧାରଣାରେ ବସିଲେ ସେବାୟତ


ସିଂହଦ୍ୱାର ସମ୍ମୁଖରେ ଧାରଣାରତ ସେବାୟତ।

ବାରିପଦା ଅଫିସ,୪।୮

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ହରିବଳଦେବଜୀଉଙ୍କ ମନ୍ଦିରରେ ଚାଲିଥିବା ଉନ୍ନତିକରଣ କାର୍ଯ୍ୟ ନିମ୍ନମାନର ହେଉଥିବା ଦର୍ଶାଇ ବୁଧବାର ସିଂହଦ୍ୱାର ସମ୍ମୁଖରେ ସେବାୟତ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଏଥିରେ ପୂଜକ ଅରୁଣ କୁମାର ମିଶ୍ର, ପୁରୋହିତ ସୁରେଶ ଚନ୍ଦ୍ର ମିଶ୍ର, ମହେଶ୍ୱର ଦ୍ୱିବେଦୀଙ୍କ ସମେତ ସେବାୟତମାନେ ପ୍ଲାକାର୍ଡ ଧରି ଧାରଣା ଦେଇଥିଲେ। ଏ ସଂକ୍ରାନ୍ତରେ ଜୁଲାଇ ୨୬ରେ ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀଙ୍କ ନେତୃତ୍ୱରେ ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଉକ୍ତ ନିର୍ମାଣ କାର୍ଯ୍ୟ ପତ୍ନତତ୍ତ୍ୱ ବିଭାଗ ଦ୍ୱାରା ପ୍ରକଳ୍ପ ପ୍ରସ୍ତୁତ କରାଯାଇ ଓବିସିସି ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏଥିରେ ଜିଲାପ୍ରଶାସନ ପକ୍ଷରୁ ହସ୍ତକ୍ଷେପ କରିବା ସମ୍ଭବ ନୁହେଁ ବୋଲି ତଦନ୍ତକାରୀ ଅଧିକାରୀମାନେ ଜଣାଇଥିଲେ। ତେବେ ମନ୍ଦିରର ଉନ୍ନତି ପାଇଁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୫କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଉନ୍ନତିକରଣ କାର୍ଯ୍ୟ କରୁଥିବା ସଂସ୍ଥା ରୋଷେଇଘର ନିର୍ମାଣ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବା, ମନ୍ଦିର ପାହାଚ, ନାଟ ମଣ୍ଡପ ଆଦି ସ୍ଥାନରେ ଖଣ୍ଡଲାଇଟ ଟାଇଲ ଲଗା ନ ଯାଇ ଗ୍ରାନାଇଟ ଟାଇଲ ଲଗାଇବା ଆଦି ଅନିୟମିତତା ହୋଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ତେବେ ଉନ୍ନତିକରଣ କାର୍ଯ୍ୟର ଅନିୟମିତତାକୁ ନେଇ ସେବାୟତ ସଂଘ ପକ୍ଷରୁ ପଦଯାତ୍ରା ପୂର୍ବକ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରୀ ଜଣାଇବେ ବୋଲି ସଂଘର ସଭାପତି ତ୍ରିପାଠୀ ପ୍ରକାଶ କରିଛନ୍ତି ।

